# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 01st February - 2025

********************************

## ମୁଖ୍ୟ ସମ୍ବାଦ

- ଭାରତର ବିକାଶ ଯାତ୍ରାରେ ଆତ୍ମନିର୍ଭର ଗତିକୁ ତ୍ୱରାନ୍ୱିତ କରିବ ଚଳିତ ବଜେଟ୍; କହିଲେ ପ୍ରଧାନମନ୍ତ୍ରୀ ।

- ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ କଲେ ବଜେଟ୍ ଉପସ୍ଥାପନ ।

— ବାର୍ଷିକ ୧୨ ଲକ୍ଷ ଟଙ୍କା ଆୟ ଉପରେ ଆୟକର ଟିକସ ପଡ଼ିବ ନାହିଁ।

ଏବଂ

- ହକି ଇଣ୍ଡିଆ ଲିଗ୍‌ର ତୃତୀୟ ଓ ଚତୁର୍ଥ ସ୍ଥାନପାଇଁ ରାଉରକେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ତାମିଲ୍‌ନାଡୁ ଡ୍ରାଗନ୍ସ ଓ ସୁର୍‌ମା ହକି କ୍ଲବ୍ ମଧ୍ୟରେ ମ୍ୟାଚ୍ ଜାରି ।

*Desk*

# ପି.ଏମ୍. - ବଜେଟ୍

କେନ୍ଦ୍ରୀୟ ବଜେଟ୍-୨୦୨୫-୨୬କୁ ସାଧାରଣ ଲୋକଙ୍କ ବଜେଟ୍ ଭାବେ ଅଭିହିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ୧୪୦ କୋଟି ଭାରତୀୟଙ୍କର ଆଶା ଓ ଆକାଂକ୍ଷା ପୂରଣ କରିବା ଦିଗରେ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଏଥିରେ ପ୍ରତିଫଳିତ ହୋଇଛି। ବଜେଟ୍ ପରବର୍ତ୍ତୀ ବାର୍ତ୍ତାରେ ଶ୍ରୀ ମୋଦୀ କହିଛନ୍ତି, ସାଧାରଣତଃ ଆୟ ଓ ବ୍ୟୟକୁ ଦୃଷ୍ଟିରେ ରଖି ବଜେଟ୍ ପ୍ରସ୍ତୁତ କରାଯାଇଥାଏ। ମାତ୍ର ଚଳିତ ବଜେଟ୍‌କୁ ନାଗରିକଙ୍କର କଲ୍ୟାଣକୁ ଦୃଷ୍ଟିରେ ରଖି ସରକାର ଆବଶ୍ୟକ ପ୍ରସ୍ତାବମାନ ଦେଇଛନ୍ତି। ଏହାଦ୍ୱାରା ଜନସାଧାରଣଙ୍କର ସଞ୍ଚୟ ବୃଦ୍ଧି ପାଇବା ସହିତ ଦେଶରେ ପୁଞ୍ଜିନିବେଶ ଏବଂ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ ବୋଲି ଶ୍ରୀ ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ନିଯୁକ୍ତି କ୍ଷେତ୍ର ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହିତ ଦେଶର ସାମଗ୍ରୀକ ବିକାଶ କ୍ଷେତ୍ରରେ ପ୍ରତ୍ୟେକ ନାଗରିକ ଯେଭଳି ଭାଗିଦାରୀ ହୋଇପାରିବେ’ ସେଥିଲାଗି କେତେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ଦେଶର ମୌଳିକଢାଞ୍ଚାଗତ କ୍ଷେତ୍ରର ସୁଦୃଢ଼ିକରଣ ତଥା ଯୋଗାଯୋଗ ଉପରେ ପ୍ରାଧାନ୍ୟ ଦେଇ ଏହି ବଜେଟ୍ ପ୍ରସ୍ତୁତ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତର ବିକାଶ ଯାତ୍ରାରେ ଏହି ବଜେଟ୍‌କୁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ବର୍ଣ୍ଣନା କରିବା ସହ ଏହା ଆତ୍ମନିର୍ଭର ଭାରତ ଗତିକୁ ତ୍ୱରାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

*Desk*

# ବଜେଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ପୂର୍ବାହ୍ନରେ ଲୋକସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଛନ୍ତି । ଏହା ହେଉଛି ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣଙ୍କ ଅଷ୍ଟମ ବଜେଟ୍ ଉପସ୍ଥାପନା ।

ଅର୍ଥମନ୍ତ୍ରୀ ତାଙ୍କର ବଜେଟ୍ ଅଭିଭାଷଣରେ କହିଛନ୍ତି, ଆଗାମୀ ୫ ବର୍ଷ ମଧ୍ୟରେ ନିଯୁକ୍ତି ଭିତ୍ତିକ ବିକାଶ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଡାଲିଜାତୀୟ କ୍ଷେତ୍ରରେ ଆତ୍ମନିର୍ଭରତା ହାସଲ କରିବା ଲାଗି କେନ୍ଦ୍ର ସରକାର ୬ ବର୍ଷୀୟା ଅଭିଯାନ ଆରମ୍ଭ କରିବେ । ସେହିପରି ଉଚ୍ଚ ଉତ୍ପାଦଭିତ୍ତିକ ମଞ୍ଜି ନିମନ୍ତେ ଜାତୀୟ ମିଶନ ଖୁବ୍‌ଶୀଘ୍ର ଆରମ୍ଭ ହେବ ଏବଂ ଉତ୍ପାଦନ ଓ ବିପଣନ ତ୍ୱରାନ୍ୱିତ କରିବା ନିମନ୍ତେ ମଖାନା ବୋର୍ଡ ସ୍ଥାପନ କରାଯିବ । ଅର୍ଥମନ୍ତ୍ରୀ କହିଛନ୍ତି, ଦେଶର ବିକାଶ ଯାତ୍ରାରେ କୃଷି, ଏମ୍.ଏସ୍.ଏମ୍.ଇ, ପୁଞ୍ଜି ବିନିଯୋଗ ଏବଂ ରପ୍ତାନୀକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ଅର୍ଥମନ୍ତ୍ରୀ ସୂତା ଉତ୍ପାଦକତା ନିମନ୍ତେ ଏକ ସ୍ୱତନ୍ତ୍ର ଅଭିଯାନର ମଧ୍ୟ ଘୋଷଣା କରିଛନ୍ତି ।

ବଜେଟ୍‌ରେ ୧୦ଟି ପ୍ରମୁଖ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଛି। ସମାବେଶୀ ବିକାଶର ପଥରେ ପ୍ରତ୍ୟେକଙ୍କୁ ସାମିଲ କରିବା ବଜେଟ୍‌ର ଲକ୍ଷ୍ୟ ରହିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ବିକଶିତ ଭାରତର ଲକ୍ଷ୍ୟ ହାସଲ ଦିଗରେ

ଅଭିବୃଦ୍ଧିଶୀଳ ବିକାଶକୁ ବଜେଟ୍‌ରେ ଗୁରୁତ୍ୱ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି।

ଋଣ ଗ୍ୟାରେଣ୍ଟି ସୀମା ବୃଦ୍ଧି କରାଯିବା ନେଇ ବଜେଟ୍‌ରେ ଘୋଷଣା କରାଯାଇଛି । କ୍ଷୁଦ୍ର ଉଦ୍ୟୋଗୀମାନଙ୍କପାଇଁ ଋଣ ଗ୍ୟାରେଣ୍ଟି ପରିମାଣ ୫ କୋଟିରୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରିବା ଲାଗି ଘୋଷଣା କରାଯାଇଛି । ସେହିପରି ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରପାଇଁ ଋଣ ପରିମାଣ ୨୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିବା ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି । ଆଗାମୀ ୫ ବର୍ଷ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତି ମହିଳା ଉଦ୍ୟୋଗୀ ମାନଙ୍କ ନିମନ୍ତେ ପ୍ରଥମଥର ଲାଗି ଋଣ ପରିମାଣ ୨ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିବା ଘୋଷଣା କରାଯାଇଛି । ଖେଳନା ପ୍ରସ୍ତୁତ କ୍ଷେତ୍ରରେ ଭାରତକୁ ବିଶ୍ୱର କେନ୍ଦ୍ରସ୍ଥଳ ଭାବେ ଗଢ଼ିତୋଳିବା ଲାଗି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଉଛି। ଶ୍ରୀମତୀ ସୀତାରମଣ କହିଛନ୍ତି, ବିଦ୍ୟାଳୟଗୁଡ଼ିକରେ ୫୦ହଜାର ଅଟଳ ଟିଙ୍କରିଂ ଲ୍ୟାବ ପ୍ରତିଷ୍ଠା କରାଯିବ ଏବଂ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ଦେଶରେ ଦକ୍ଷତା ବିକାଶ ନିମନ୍ତେ ୫ଟି ଜାତୀୟ କେନ୍ଦ୍ର ସ୍ଥାପନ କରାଯିବ । ସମସ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକୁ ବ୍ରଡବ୍ୟାଣ୍ଡ ସଂଯୋଗୀକରଣ କରାଯିବ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

ସେହିପରି କୃତ୍ରିମ ବୁଦ୍ଧିମତା ଶିକ୍ଷାପ୍ରଦାନ ବ୍ୟବସ୍ଥା ନିମନ୍ତେ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯିବ। ଆଗାମୀ ୩ ବର୍ଷ ମଧ୍ୟରେ ସମସ୍ତ ଜିଲ୍ଲାରେ କର୍କଟ କେନ୍ଦ୍ର ଏବଂ ଡେ’ କେୟାର ସେଣ୍ଟର ଖୋଲାଯିବ। ଦେଶରେ ଶତ ପ୍ରତିଶତ

ଜଳଯୋଗାଣ  ଲକ୍ଷ୍ୟ ହାସଲ ନିମନ୍ତେ ଅର୍ଥମନ୍ତ୍ରୀ ଜଳଜୀବନ ମିଶନକୁ ୨୦୨୮ ମସିହା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବା ନେଇ ଘୋଷଣା କରିଛନ୍ତି । ୨୦ ହଜାର କୋଟି ଟଙ୍କା ବ୍ୟୟରେ କ୍ଷୁଦ୍ର ମଡ୍ୟୁଲାର ଆଣବିକ ରିଆକ୍ଟର ସ୍ଥାପନ, ଦେଶରେ ୧୨୦ଟି ନୂତନ ସ୍ଥାନକୁ ସଂଯୋଗ କରିବା ନିମନ୍ତେ ଉନ୍ନୀତ ଉଡାନ ଯୋଜନା ଆରମ୍ଭ କରାଯିବ ବୋଲି ଗୃହରେ ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି ।

ଘରୋଇ କ୍ଷେତ୍ରରେ ଭାଗିଦାରିତା ସହ ମେଡ଼ିକାଲ ଟୁରିଜିମ ପ୍ରୋତ୍ସାହନ ଦିଆଯିବ । ପ୍ରଯୁକ୍ତି ବିଦ୍ୟା ଗବେଷଣା ନିମନ୍ତେ ୧୦ହଜାର ପିଏମ୍ ରିସର୍ଚ୍ଚ ଫେଲୋସିପ ଯୋଗାଇ ଦିଆଯିବ ବୋଲି ଅର୍ଥମନ୍ତ୍ରୀ ଗୃହରେ କହିଛନ୍ତି ।

୨୦୪୭ ମସିହା ସୁଦ୍ଧା ଅତି କମ୍‌ରେ ୧୦୦ ଗିଗାୱାଟ ଆଣବିକ ଶକ୍ତି ଉତ୍ପାଦନ କରାଯିବ ।

ମଧ୍ୟବିତ୍ତଶ୍ରେଣୀ ଏବଂ ଚାକିରି କରୁଥିବା ଲୋକଙ୍କ ପାଇଁ ସରକାର ବଜେଟ୍‌ରେ ନୂଆ ଟିକସ ବ୍ୟବସ୍ଥା ଘୋଷଣା କରିଛନ୍ତି ।

୧୨ ଲକ୍ଷ ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିଙ୍କପାଇଁ ଟିକସ ଛାଡ଼ କରାଯାଇଛି । ପ୍ରସ୍ତାବିତ ବ୍ୟବସ୍ଥା ଅନୁଯାୟୀ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ କୌଣସି ଟିକସ ଦେବାକୁ ପଡିବ ନାହିଁ । ୪ରୁ ୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ବ୍ୟକ୍ତିଙ୍କ ପାଇଁ ୫ ପ୍ରତିଶତ, ୮ରୁ ୧୨ଲକ୍ଷ ପର୍ଯ୍ୟନ୍ତ ଆୟ ଉପରେ ୧୦ ପ୍ରତିଶତ, ୧୨ରୁ ୧୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ବର୍ଗଙ୍କ ପାଇଁ ୧୫ ପ୍ରତିଶତ ଏବଂ ୧୬ରୁ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ସୀମାରେ ୨୦ ପ୍ରତିଶତ ଟିକସ ଦେବାକୁ ପଡିବ । ୨୦ରୁ ୨୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ

ଆୟ କରୁଥିବା ବ୍ୟକ୍ତିଙ୍କ ପାଇଁ ୨୫ ପ୍ରତିଶତ ଏବଂ ୨୪ଲକ୍ଷରୁ ଅଧିକ ଆୟ ଉପରେ ୩୦ ପ୍ରତିଶତ ଟିକସ ଦେବାକୁ ପଡ଼ିବ । ବରିଷ୍ଠ ନାଗରିକଙ୍କ ପାଇଁ ସୁଧ ଉପରେ ଟିକସ ଛାଡ଼ ସୀମା ୫୦ହଜାର ଟଙ୍କାରୁ ୧ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ଟିକସ ସଂସ୍କାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଅର୍ଥମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

ଲୋକସଭାରେ ବଜେଟ୍ ଉପସ୍ଥାପନ ପରେ ସଦନକୁ ଆଜି ଦିନକପାଇଁ ମୁଲତବୀ ଘୋଷଣା କରାଯାଇଛି । ସେହିଭଳି ରାଜ୍ୟସଭାରେ ବଜେଟ୍‌ର ଏକକିତା ନକଲ ଉପସ୍ଥାପନ ପରେ ସଦନକୁ ଆଜି ଦିନକପାଇଁ ମୁଲତବୀ ଘୋଷଣା କରାଯାଇଥିଲା ।

*Rayagada, Nabarangpur, Puri, Jajpur, Baragarh/R*

# ବଜେଟ୍ ପ୍ରତିକ୍ରିୟା

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କର ସଂସଦରେ ବଜେଟ୍ ଉପସ୍ଥାପନ ପରେ ବିଭିନ୍ନ କ୍ଷେତ୍ରରୁ ବଜେଟ୍‌କୁ ନେଇ ମିଶ୍ରିତ ପ୍ରତିକ୍ରିୟା ଆମର ହସ୍ତଗତ ହୋଇଛି ।

ସରକାର ମଧ୍ୟବିତ୍ତ ପରିବାର ଓ ସବୁବର୍ଗର ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏକ ଜନଉପକାରୀ ବଜେଟ୍ ପ୍ରସ୍ତୁତ କରିଛନ୍ତି ବୋଲି ମୁନିଗୁଡ଼ା ଡିଗ୍ରୀ ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ରଜନୀକାନ୍ତ ମିଶ୍ର କହିଛନ୍ତି ।

ନବରଙ୍ଗପୁର ସହରର ବ୍ୟବସାୟୀ ସୁମନ ଜୈନ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି :

***Voice :.........***

ବଜେଟ୍ ମଧ୍ୟବିତ୍ତ ପରିବାର ପାଇଁ ଶୁଭଙ୍କର ବୋଲି ନବରଙ୍ଗପୁରର ଜଣେ ଗୃହିଣୀ ଶର୍ମିଷ୍ଠା ଦେଓ କହିଛନ୍ତି :

***Voice :.........***

ପୁରୀର ବୁଦ୍ଧିଜୀବୀ ମହେନ୍ଦ୍ର ବିଶୋଇ କହିଛନ୍ତି, ବଜେଟ୍‌ରେ ସବୁବର୍ଗର ଲୋକଙ୍କ ସୁବିଧାପାଇଁ ଦୃଷ୍ଟି ଦିଆଯାଇଛି ।

***Voice :.........***

ଯାଜପୁରର ଶିକ୍ଷାବିତ୍ ପ୍ରଫେସର ଡକ୍ଟର ମୁକ୍ତିକାନ୍ତ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଚଳିତ ଥର ବଜେଟ୍ ଏକ ଐତିହାସିକ ବଜେଟ୍ :

***Voice :.........***

ବରଗଡ଼ର ଜଣେ ସଚେତନ ନାଗରିକ ମାନଭଞ୍ଜନ ତ୍ରିପାଠୀ ତାଙ୍କ ବଜେଟ୍ ପ୍ରତିକ୍ରିୟାରେ କହିଛନ୍ତି :

***Voice :.........***

***Desk***

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍‌ର ଫାଇନାଲ୍‌ରେ ଆଜି ଶ୍ରାଚି ରାଢ଼ ବେଙ୍ଗଲ୍ ଟାଇଗର୍ସ ଏବଂ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ରେ ଆଜି ରାତି ୮ଟା ୧୫ ମିନିଟ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବାବେଳେ ତୃତୀୟ ଓ ଚତୁର୍ଥ ସ୍ଥାନପାଇଁ ବର୍ତ୍ତମାନ ସୁର୍‌ମା ହକି କ୍ଲବ୍ ଓ ତାମିଲ୍‌ନାଡୁ ଡ୍ରାଗନ୍‌ସ ମଧ୍ୟରେ ମୁକାବିଲା ଜାରି ରହିଛି ।

*****